Chapter- 11

# ଦୁଇମାଆର କଳି

**STUDY NOTES**

## MIND MAP



ଗଙ୍ଗାନଦୀ କୂଳରେ ବେଲେଶ୍ୱର ଶିବ ମନ୍ଦିର ଅଛି । ଏହି ମନ୍ଦିରରେ ଯିଏ ଯାହା ମାଗେ ସେ ତାହା ପାଏ । କୁନ୍ତୀ ଏବଂ ଗାନ୍ଧାରୀ ରାତି ପ୍ରହରେ ମହାଦେବ ମନ୍ଦିର ଯାଆନ୍ତି । ଗାନ୍ଧାରୀ ସୁନା ଚମ୍ପାରେ ପୂଜା କରନ୍ତି । କୁନ୍ତୀ ପୂଜା କରୁଥିବାର ସେ ଜାଣିଲେ । ଏଣୁ ଦୁଇ ଜଣଙ୍କ ଭିତରେ କଳି ହେଲା । ଶିବ ବ୍ରାହ୍ମଣ ବେଶରେ ଉଭା ହୋଇ କହିଲେ । ଆସନ୍ତା କାଲି ସକାଳୁ ଯିଏ ଆଗ ଆସି ହଜାରେ ସୁନା ଚମ୍ପା ଚଢ଼ାଇବ ଠାକୁର ହେବେ ତାର । କୁନ୍ତୀ ମନଦୁଃଖରେ ଫେରିଲେ, ଅର୍ଜୁନ କହିଲେ ମାଆ ଦୁଃଖ କର ନାହିଁ ମୁଁ ହଜାରେ ସୁନା ଚମ୍ପା ଦେବି । ଚାହିଁଲେ ସୁନାଚମ୍ପାରେ ଦେଉଳକୁ ଘୋଡ଼ାଇ ଦେବି । ମନଭେଦୀଶର ଇନ୍ଦ୍ରଙ୍କ ପାଖକୁ ପଠାଇଲେ । ଇନ୍ଦ୍ରଙ୍କ ଆଗରେ ଶର ପଡ଼ିଲା । କୁବେରକୁ ଡ଼ାକି ବେଲେଶ୍ୱର ମନ୍ଦିର ଉପରେ ସୁନାଚମ୍ପା କୁଢ଼େଇ ଦେବାକୁ କହିଲେ । ଶିବ ତୋଷ ହୋଇ କୁନ୍ତୀଙ୍କ ପୁଅ ରାଜା ହେଉ ବୋଲି ବର ଦେଲେ । ଗାନ୍ଧାରୀ ସୁନା ଚମ୍ପା ନେଇ ମନ୍ଦିର ଗଲେ ଭାବିଲେ କୁନ୍ତିର ଦମ୍ଭ ଭାଙ୍ଗିବି । ମନ୍ଦିର ସାରା ସୁନା ଚମ୍ପା ଦେଖି ଶହେପୁଅର ମାଆ ରାଜରାଣୀ ହୋଇ ଯେଉଁ ଗର୍ବ କରୁଥିଲେ ତାହା ଧୂଳିସାତ ହୋଇଗଲା । ଧନର ଗର୍ବ ମଣିଷକୁ ଦେବତା ପାଖରୁ ଦୂରେଇ ଦିଏ । ଯିଏ ଭକ୍ତି ରେ ଡ଼ାକେ ଦେବତା ତାର ଡାକଶୁଣନ୍ତି । ଗର୍ବକାହାର ରହେନାହିଁ । ଗର୍ବ ମଣିଷକୁ ତଳି ତଳାନ୍ତ କରିଦିଏ । ମଣିଷକୁ ନଷ୍ଟ ଭ୍ରଷ୍ଟ କରିଦିଏ ।

ODM EDUCATIONAL GROUP Changing your Tomorrow